## ଗାଈ ବୋଝେଇ ୪ ବୋଲେରୋ ଜବତ



କାଶୀନଗର,୧୯।୫-କାଶୀନଗର ଥାନା ପୋଲିସ ଦ୍ୱାରା ୪ଟି ବୋଲେରୋ ଗାଡ଼ିରେ ୨୮ଟି ଗାଈ ବୋଝେଇ ହୋଇ ଯାଉଥିବା ବେଳେ ଜବତ ହୋଇଛି। ଏହି ମାମଲାରେ ଗୋରୁ ଚାଲାଣକାରୀ ୪ ଜଣ ଆସାମୀ ସି. ଅର୍ଜୁନ, ନାଗାଶ୍ରୀନୁ, ଗାବରା ପ୍ରସାଦ, ୱାଇ ରାମଣାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମସ୍ତ ଆସାମୀ ବିଶାଖାପାଟଣାର ଅଟନ୍ତି। କାଶୀନଗର ଥାନାରେ ୫୪/୨୨ରେ ଗୋଚାଲାଣ ଆପରାଧିକ ମାମଲା ରୁଜୁ ହୋଇଥିବା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କଠାରୁ ପ୍ରକାଶ।

## ଯୁବତୀ ଉଦ୍ଧାର, ଯୁବକ ଅଟକ

କାଶୀନଗର,୧୯।୫-କାଶୀନଗର ଏନ୍ଏସିର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ରାୟଗଡ଼ା ଜିଲା ଗୁଣପୁର ନିକଟସ୍ଥ ଗ୍ରାମର ଜଣେ ଯୁବକ ଆନ୍ଧ୍ରର ବିଶାଖାପାଟଣା ନେଇଯାଇଥିଲେ। ପରିବାରର ଅଭିଯୋଗ ପ୍ରକାରେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉଭୟଙ୍କୁ ବିଶାଖାପାଟଣାରୁ ଉଦ୍ଧାର କରି କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତରୀ ମାଇନା କରାଇଛି। ଥାନାରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ନେଇ ନଂ.୫୩/୨୨ରେ ଏକ ମାମଲା ରୁଜୁ ହୋଇଛି।

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଆସିକା,୧୯।୫(ଡି.ଏନ.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ କାଳିଆଗୁଡା ଛକ ନିକଟରେ ଗୁରୁବାର ରାତି ପ୍ରାୟ ୮ଟାରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଳିଆଗୁଡା ଗ୍ରାମର ବିମଳ ପ୍ରଧାନ। ଦୁର୍ଘଟଣାରେ ବାଇକ ଚାଳକ ମଧ ଗୁରୁତର ଆହତ ହୋଇଛନ୍ତି। ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି। ଗାଙ୍ଗପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

# ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଘଟଣାର ତଦନ୍ତ

**କବିସୂର୍ଯ୍ୟନଗର,୧୯।୫(ଡି.ଏନ.ଏ.)**

କବିସୂର୍ଯ୍ୟନଗର ଥାନା ବାହାରପଲ୍ଲୀ ହ୍ରଦ ନିକଟରେ ବୁଧବାର ରାତିରେ ଖଜାପଲ୍ଲୀ ଗ୍ରାମ୍ୟ ସଭାପତି ତଥା ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ବିଷୋୟୀଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏ ନେଇ ତାଙ୍କ ପୁତୁରାଙ୍କ ଅଭିଯୋଗ ପ୍ରକାରେ କବିସୂର୍ଯ୍ୟନଗର ଥାନାରେ ନଂ.୧୯୮/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ପ୍ରଭାତ ସାହୁ କହିଛନ୍ତି। ଏଥିସହ ଗୋଟିଏ କାତି, ବୋଲେରୋ ଓ ଇଣ୍ଡିଗୋ କାର ଜବତ କରି ପୋଲିସ ଥାନାରେ ରଖିଛି। ସୂଚନା ଅନୁଯାୟୀ, ରାଜେନ୍ଦ୍ର ବୁଧବାର ରାତି ପ୍ରାୟ ୮ରୁ ଘରୁ ନିଜ କାରରେ ବାହାରି ବାହାରପଲ୍ଲୀ ଲେବର ପେମେଣ୍ଟ କରି ଫେରୁଥିଲେ। ବାହାରପଲ୍ଲୀ ହ୍ରଦ ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା କେତେଜଣ ଦୁର୍ବୃତ୍ତ ବୋଲେରୋରେ ଆସି ଗାଡିକୁ ଅଟକାଇ ରାଜେନ୍ଦ୍ରଙ୍କୁ ବାହାରକୁ ଆସିବାକୁ କହିଥିଲେ।



ରାଜେନ୍ଦ୍ର ବିଷୋୟୀ ।

କିନ୍ତୁ ସେ ବାହାରକୁ ନ ଆସିବାରୁ କାର୍ ଡୋର୍ କାଚ ଭାଙ୍ଗି ତାଙ୍କୁ ବାହାରକୁ ଟାଣି ନେଇ ଖଣ୍ଡାରେ ପେଟକୁ ହାଣିଥିଲେ। ଅତ୍ୟାଧିକ ରକ୍ତସ୍ରାବ ହେତୁ ଘଟଣାସ୍ଥଳରେ ରାଜେନ୍ଦ୍ରଙ୍କ ଜୀବନ ଚାଲି ଯାଇଥିଲା। କାର ଚାଳକ ଓ ସହଯୋଗୀ ଜୀବନ ବଞ୍ଚାଇ ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ଆସିଯିବାରୁ ବୋଲେରୋ ଛାଡି ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ରାଜନୈତିକ ହିଂସାରୁ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ ରାଜେନ୍ଦ୍ରଙ୍କ ପରିବାର ଓ ଅନ୍ୟ ଏକ ପରିବାର ମଧରେ ବିବାଦ ରହିଛି। ଗତ ଦୀପାବଳିରେ ବୋମାମାଡ଼ ଯୋଗୁ ରାଜେନ୍ଦ୍ରଙ୍କ ପୁଅଙ୍କ ଗୋଡ଼ କଟି ଅକର୍ମଣ୍ୟ ହୋଇପଡ଼ିଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଗତବର୍ଷ ଏକ ହତ୍ୟାକାଣ୍ଡ ଘଟିଥିଲା। ରାଜେନ୍ଦ୍ର ଜେଲ ଯାଇ କିଛି ଦିନ ତଳେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜେଲରୁ ଆସିଥିଲେ। କିଛି ଦିନ ତଳେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜେଲରୁ ଆସିଥିଲେ ଓ ଆସନ୍ତା ୪ତାରିଖରେ ପୁଣି ଜେଲକୁ ଯାଇଥାନ୍ତେ। ମୃତକଙ୍କ ପୁଅ ସୁବ୍ରତ ୫/୬ ଜଣଙ୍କ ନାମରେ ଗଣମାଧ୍ୟମକୁ ଜଣାଇଥିଲେ ସୁଦ୍ଧା ଉଭୟ ପକ୍ଷ ଗାଁରେ ପୁରୁଷ ଶୂନ୍ୟ ହୋଇଯାଇଛି। ଅଶାନ୍ତ ହୋଇପଡିଛି ଖଜାପଲ୍ଲୀ। ପୋଲିସ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ।

# ଋଷିକୁଲ୍ୟା ନଦୀ ତଟର ଉନ୍ନତୀକରଣ ଲାଗି ମାଷ୍ଟରପ୍ଲାନ

**ପୁରୁଷୋତ୍ତମପୁର,୧୯।୫ (ଡି.ଏନ.ଏ.)**

ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଇଷ୍ଟଦେବୀ ଆଦିଶକ୍ତି ପୀଠ ମା' ତାରାତାରିଣୀଙ୍କ ମନ୍ଦିର ନବକଳେବର ହୋଇ ନୂତନ ରୂପରେଖରେ ଝଲସି ଉଠିଛି। ଏହାକୁ ଆହୁରି ଅଧିକରୁ ଅଧିକ ଆକୃଷ୍ଟ କରିବା ଲାଗି ମା' ତାରାତାରିଣୀଙ୍କ ମନ୍ଦିରଟି ରହିଥିବା ରତ୍ନଗିରି ପାହାଡ଼ର ପାଦଦେଶରେ ବହିଯାଇଥିବା ଋଷିକୁଲ୍ୟା ନଦୀତଟର ଉନ୍ନତୀକରଣ ସହ ଶୋଭାବର୍ଦ୍ଧନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମା'ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ସହ ୨୮କୋଟି ଟଙ୍କା ବ୍ୟୟରେ ଋଷିକୁଲ୍ୟା ଉନ୍ନତୀକରଣ ଲାଗି ଭିଡିଓ କନ୍ଫରେନ୍ସରେ ଶିଳାନ୍ୟାସ କରିଥିଲେ। ଏହାକୁ ନେଇ ପ୍ରଶାସନିକ ସ୍ତରରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ଏଥିରେ ଋଷିକୁଲ୍ୟା ନଦୀତଟ ସମ୍ମୁଖର ଉନ୍ନତୀକରଣ, ପାର୍କିଂ ଓ ପ୍ରବେଶ ସ୍ଥଳ, ଉପାନଦେବୀ ମନ୍ଦିର ଓ



ମାଷ୍ଟର ପ୍ଲାନ।

ପ୍ରବେଶ ସ୍ଥଳ, ପ୍ରବେଶ ପଥର ମୁଖ୍ୟ ଦ୍ୱାର, ବଗିଚା ପ୍ରବେଶପଥ ଦ୍ୱାର, ଉପାନଦେବୀ ମନ୍ଦିର ଓ ଫୁଡ୍ କୋର୍ଟ, ପର୍ଯ୍ୟଟକମାନେ ବସିବା ଲାଗି ସୁନ୍ଦର ବଗିଚା, ଶିଶୁମାନଙ୍କ ମନୋରଞ୍ଜନ ଲାଗି ଖେଳିବା ସ୍ଥଳ, ତିନି ଗୋଟି ଭିୟୁ ପଏଣ୍ଟ ଆଦି ୨୧ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଥିବା ଏହି ମାଷ୍ଟରପ୍ଲାନ ଢାଞ୍ଚାରେ ନିର୍ମାଣ କରାଯିବ। ଏଥିଲାଗି ପ୍ଲାନରେ ୨୯କୋଟି ୭୫ ଲକ୍ଷ ୬୦ହଜାର ଟଙ୍କା ବ୍ୟୟ ଅଟକଳ ସ୍ଥିର କରାଯାଇଛି। ଅତିଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ। ଏହି ମାଷ୍ଟର ପ୍ଲାନକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଲୋକାର୍ପିତ କରାଯାଇଛି।

# ଟ୍ରକ୍ ଧକ୍କାରେ ବାଇକ ଚାଳକ ମୃତ, ଜଣେ ଗୁରୁତର

## ତପ୍ତପାଣି ଘାଟିରେ ଦୁର୍ଘଟଣା

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.)**

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ୩୨୬ ନଂ. ଜାତୀୟ ରାଜପଥସ୍ଥିତ ମୃଗ ବିହାର ନିକଟରେ ଗୁରୁବାର ସକାଳ ପ୍ରାୟ ୯ଟାରେ ଘଟିଥିବା ଏକ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଅଲାପୁଙ୍ଗା ଗ୍ରାମର ଦିବାକର ରଇତ ଓ ଗୁରୁତର ଜଣକ ହେଲେ ପାଟପୁର ଥାନା କାଳୀବୋରେଇ ଗ୍ରାମର ସଞ୍ଜୀବ ଶବର। ସୂଚନାଯୋଗ୍ୟ ଯେ ବ୍ରହ୍ମପୁରରୁ ମୋହନା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ ପାଟପୁର ଥାନା ତପ୍ତପାଣି ଘାଟି ମୃଗବିହାର ନିକଟ ବୁଲାଣିରେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ମୋଟରସାଇକେଲକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ମୋଟରସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ବାଇକ ପଛରେ ବସିଥିବା ସଞ୍ଜୀବ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ସଞ୍ଜୀବଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ପାଟପୁର ପୋଲିସ ଘଟଣା ସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଟ୍ରକ୍, ବାଇକକୁ ଜବତ କରିଥିବା ବେଳେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିବା ବେଳେ ଟ୍ରକ ଚାଳକ ଫେରାର ଥିବା ଜଣାପଡିଛି।

# ବିଲୁଆ କାମୁଡ଼ାରେ ୮ ଆହତ

**ହିଞ୍ଜିଳିକାଟୁ,୧୯।୫(ଡି.ଏନ.ଏ.)**

ହିଞ୍ଜିଳି ଥାନା ଶାସନ ଆମ୍ବଗାଁରେ ଗୁରୁବାର ବିଲୁଆ କାମୁଡ଼ାରେ ୭ ଜଣ ମହିଳା ଓ ପୁରୁଷ ଆହତ ହୋଇଛନ୍ତି। ସେମାନେ ହେଲେ ବାଦିଆମ୍ବଗାଁର ଟିନା ଗୌଡ, ଯୁଧିଷ୍ଠିର ଜେନା, ଅପୂର୍ବ ଜେନା, ବିନୋଦ ସାହୁ,ନିର ଡାକୁଆ, ଅପୁର୍ ସେଠୀ, ମେଳା ସେଠୀ ଓ ସୁଦଷ୍ଟା ଜେନା। କେତେଜଣ ରାସ୍ତାରେ ଯାଉଥିବା ବେଳେ ଓ କେତେଜଣ ଚାଷ ଜମିରେ କାମ କରୁଥିବା ବେଳେ ଏମାନଙ୍କୁ ବିଲୁଆ କାମୁଡି ଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।







## ମୁଜାଗଡ଼ ଠାକୁରାଣୀ ଯାତ୍ରା ଆରମ୍ଭ

ଭଞ୍ଜନଗର,୧୯।୫ (ଡି.ଏନ.ଏ.)-ଭଞ୍ଜନଗର ବ୍ଲକ ମୁଜାଗଡ଼ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ବୁଧବାର ରାତିରେ ଦେବୀଙ୍କୁ ସ୍ଥାୟୀ ମଣ୍ଡପରେ ପୂଜାପାଠ କରାଯିବା ପରେ ଏକ ଶୋଭାଯାତ୍ରାରେ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ଗୁରୁବାର ଦେବୀଙ୍କ ବିଶ୍ରାମ ଦିବସ ଥିଲା। ଏହି ଯାତ୍ରା ୨୧ ଦିନ ଧରି ଚାଲିବ। ଆସନ୍ତା ୨୫ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ରକ୍ତଦାନ ଶିବିର

ଛତ୍ରପୁର,୧୯।୫ (ଡି.ଏନ.ଏ.)

ଛତ୍ରପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ସ୍ଥାନୀୟ ଶିବ ପଟ୍ଟନାୟକ ରିଡିଙ୍ଗ ରୁମରେ ଆୟୋଜିତ ହୋଇଥିଲା । ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଛତ୍ରପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ଓ ଏସଆଇ ସିଲୁ ଧଳଙ୍କ ସମେତ ଅନ୍ୟମାନେ ରକ୍ତଦାନ କରିଥିଲେ। ଶିବିରରୁ ୧୦୧ ୟୁନିଟ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ଏସଡ଼ିଜେଏମ କୋର୍ଟ ର କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ଛତ୍ରପୁର ଏସଡିପିଓ ଗୌତମ କିଷାନ, ପିତାମ୍ବର ପଣ୍ଡା, କାଉନସିଲର କେ. ରମେଶ ପ୍ରମୁଖ ଯୋଗ ଦେଇଥିଲେ।



## ସଂକ୍ଷେପରେ

### ଭାଙ୍ଗିଲା ଡାଳ, ବର୍ତ୍ତିଲେ ଲୋକେ



ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଟାଉନ ହଲ ପରିସରରେ ଥିବା ବରଗଛର ଏକ ବଡ଼ ଡାଳ ଗୁରୁବାର ମଧ୍ୟାହ୍ନରେ ହଠାତ୍ ଭାଙ୍ଗି ପଡିଥିଲା। ସେ ସମୟରେ ଟାଉନ ହଲ ପରିସରରେ ଭିଡ ଥିଲେ ମଧ ସୌଭାଗ୍ୟବଶତଃ କାହାରି କିଛି କ୍ଷତି ହୋଇନାହିଁ। ସେଠାରେ ଥିବା ଏକ ବିଦ୍ୟାଳୟରେ ଭତ୍ତା ଦିଆଯାଉଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଉକ୍ତ ଗଛର ଅତି ପାଖରେ ଥିଲେ ମଧ କାହାରି କିଛି କ୍ଷତି ହୋଇନାହିଁ।

### ଭାଲିଆଖାଇରେ ୩ ଘରୁ ଚୋରି

ଭଞ୍ଜନଗର,୧୯।୫(ଡି.ଏନ୍.ଏ.)-ଭଞ୍ଜନଗର ଥାନା ଅନ୍ତର୍ଗତ ଭାଲିଆଖାଇରେ ବୁଧବାର ରାତିରେ ଏକା ସମୟରେ ୩ଟି ଘରୁ ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଗ୍ରାମର ସୁନୀଲ ପ୍ରଧାନଙ୍କ ବାଡ଼ିପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶି ୨ଟି ସୁନା ଚେନ, ଗୋଟିଏ ହାର, ୬ଟି ମୁଦି, ୨ ହଳ କାନର ଓ ୯୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସେହିଭଳି ଗ୍ରାମର ଅନ୍ୟ ଦୁଇ ଜଣଙ୍କ ଘରୁ ମଧ ଅନୁରୂପ ଭାବେ ଚୋରି ହୋଇଛି। ସୁନୀଲଙ୍କ ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ମଦ ଜବତ,ପୋଚ ନଷ୍ଟ: ଜଣେ ଗିରଫ

ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଅବକାରୀ ସଦର ଥାନା ଓ ରାୟଗଡ ପୋଲିସ ପକ୍ଷରୁ ରାୟଗଡ ବ୍ଲକର ମୂହାଣ ଏବଂ ରାୟଗଡ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ମିଳିତ ଚଢଉ କରାଯାଇଥିଲା। ଚଢ଼ାଉ ବେଳେ ୩,୭୦୦ଲିଟର ମହୁଲ ପୋଚକୁ ଜବତ କରି ନଷ୍ଟ କରାଯାଇ ଥିବାବେଳେ ୧୭୦ଲିଟର ରନ୍ଧାମଦକୁ ଜବତ କରାଯାଇଛି। ଏଥିସହ ବହୁ ପରିମାଣର ମଦ ରନ୍ଧା ସାମଗ୍ରୀ ମଧ ଜବତ ହୋଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି।

### ପ୍ରିୟଦର୍ଶୀ ପଟ୍ଟନାୟକ ସ୍ମୃତି କ୍ରିକେଟ ବ୍ରହ୍ମପୁର ବିଜୟୀ

ହିଞ୍ଜିଳିକାଟୁ,୧୯।୫(ଡି.ଏନ୍.ଏ.)- ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡ଼ିୟମରେ ଚାଲିଥିବା ପ୍ରିୟଦର୍ଶୀ ପଟ୍ଟନାୟକ ମେମୋରିଆଲ ଦିବାରାତ୍ର ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ସନ୍ଧ୍ୟାରେ ଏମସିସି ହିଞ୍ଜିଳିକାଟୁ ଓ ରୟାଲ ଷ୍ଟ୍ରାଇକର ବ୍ରହ୍ମପୁର ମଧରେ ମ୍ୟାଚ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଜୟୀ ହୋଇଛି। ଏମସିସି ହିଞ୍ଜିଳିକାଟୁ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ରୟାଲ ଷ୍ଟ୍ରାଇକର ୧୨ ଓଭର ଖେଳି ୧୦ ଉଇକେଟ ହରାଇ ୧୦୯ ସଂଗ୍ରହ କରିଥିଲା। ଜବାବରେ ଏମସିସି ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୮୬ ରନ କରି ପରାଜିତ ହୋଇଛି। ରୟାଲ ଷ୍ଟ୍ରାଇକର ଦଳର ରାଧା ୩ ଉଇକେଟ ନେବା ସହ ୩୧ ବଲରେ ୭୧ ରନ ସଂଗ୍ରହ କରି ପ୍ଲେୟାର ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଅଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଲୋକ ପାତ୍ର ଓ ବାବୁ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ଅମୂଲ୍ୟ ରତ୍ନ ପଣ୍ଡା ,ବଣ୍ଟି ପୃଷ୍ଟି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସତ୍ୟ ପାଣିଗ୍ରାହି, ସୁଜିତ ସ୍ୱାଇଁ ଓ ଚିନ୍ମୟ ପଣ୍ଡାଙ୍କ ସମେତ ମର୍ନିଂ କ୍ରିକେଟ କ୍ଲବର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ଗୋପାଳପୁର,୧୯।୫(ଡି.ଏନ.ଏ.)- ରଙ୍ଗେଇଲୁଣ୍ଡା ବ୍ଲକ ବଡ଼କୁସସ୍ଥଳୀ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଦପ୍ତର ସହାୟକ ସୀମାଞ୍ଚଳ ଜେନାଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଘ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ବେହେରା, ବିପିନ ଚରଣ ସାହୁ, ପୂର୍ବତନ ସମ୍ପାଦକ ଶ୍ରୀହର୍ଷ ପ୍ରଧାନ, ଶିକ୍ଷୟତ୍ରୀ ସୁଚିତ୍ର ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇ ଜେନାଙ୍କ କାର୍ଯ୍ୟନିଷ୍ଠା ଓ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସହକାରୀ ଶିକ୍ଷକ ପ୍ରସନ୍ନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀଛାତ୍ରମାନେ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ ଜେନାଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକ ପ୍ରତିନିଧି ବଢ଼ାଇପାରିବେ ରକ୍ତଦାତା

**■ ଭଞ୍ଜନଗର ମେଡିକାଲ**
**■ କୋଠା, ବିଦ୍ୟୁତ୍ ଓ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ନାହିଁ**

ଭଞ୍ଜନଗର,୧୯।୫(ଡି.ଏନ୍.ଏ.)




ବୈଠକରେ ଉପସ୍ଥିତ ଅଧିକାରୀ।

ଭଞ୍ଜନଗର ରକ୍ତ କେନ୍ଦ୍ର ଏବଂ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ମେଡିକାଲରେ ରୋଗୀଙ୍କ ସଂଖ୍ୟା ବଢୁଛି। ସଚେତନତା ଅଭାବ ଯୋଗୁ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ ସଂଖ୍ୟା ମଧ ବଢୁଛି। ତେଣୁ ଅଧିକରୁ ଅଧିକ ରକ୍ତଦାତା ସୃଷ୍ଟି କରିବାକୁ ପଡିବ। ବିଭିନ୍ନ ସମୟରେ ଏକାଧିକ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ହେଉଛି। ଭଞ୍ଜନଗର ମେଡିକାଲର ରୋଗୀଙ୍କୁ ଯେତିକି ୟୁନିଟ ରକ୍ତ ଆବଶ୍ୟକ ହେଉଛି ସେଥିମଧ୍ୟରୁ ୯୮ ପ୍ରତିଶତ ରକ୍ତ କ୍ୟାମ୍ପରୁ ସଂଗୃହୀତ ହେଉଛି। ବଳକା ଦୁଇ ପ୍ରତିଶତ ରୋଗୀଙ୍କ ସମ୍ପର୍କୀୟ ଦେଉଛନ୍ତି। ଲୋକ ପ୍ରତିନିଧିମାନେ ଚାହିଁଲେ ରକ୍ତଦାତା ସଂଖ୍ୟା ବଢିପାରିବ। ଭଞ୍ଜନଗର ମେଡିକାଲର କୋଠା, ବିଦ୍ୟୁତ ଏବଂ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ବହୁବର୍ଷ ହେଲା ନାହିଁ। ବାରମ୍ବାର ବିଭିନ୍ନ ଅଧିକାରୀଙ୍କୁ ଏହାର ଯାଞ୍ଚ କରି ପ୍ରମାଣପତ୍ର ଦେବା ପାଇଁ ଅନୁରୋଧ କରାଯାଇଛି। ହେଲେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ତେଣୁ ମେଡିକାଲର ଉକ୍ତ ୩ ପ୍ରମାଣପତ୍ର କିଭଳି ମିଳିବ ସେଥିପାଇଁ ଦୃଷ୍ଟି ଦେବା ପାଇଁ ଉପଜିଲାପାଳ ଏବଂ ମେଡିକାଲ ଅଧିକ୍ଷକ ବୈଠକରେ କହିଥିଲେ। ଡାଏଲିସିସ କେନ୍ଦ୍ର ଖୋଲିବାର ଏକବର୍ଷ ମଧ୍ୟରେ ମେଡିକାଲରେ ୧୨୪୩ ରୋଗୀଙ୍କ ମାଗଣା ଡାଏଲିସିସ କରାଯାଇଛି। ଭଞ୍ଜନଗର ମେଡିକାଲ ରାଜ୍ୟରେ ରୋଗୀ ରୋଗୀ ସେବା କ୍ଷେତ୍ରରେ ୪୯ନଂ. ର୍ୟାଙ୍କରେ ଅଛି। ଆଗାମୀ ଦିନରେ ର୍ୟାଙ୍କରେ ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି। ଏଠାରେ ରୋଗୀ ସଂଖ୍ୟା ବୃଦ୍ଧି ଯୋଗୁ ବଡ ଅପରେଶନ ରୁମ ଆବଶ୍ୟକତା ରହିଛି। ମେଡିକାଲରେ ସୋଲାର ଲାଇଟ ବ୍ୟବସ୍ଥା ଏବଂ ବର୍ଷାଜଳ ସରଂକ୍ଷଣ ପାଇଁ ପଦକ୍ଷେପ ନିଆଯିବ। ଇତିମଧରେ ଜଣେ ନୂତନ ଅସ୍ଥିଶଲ୍ୟ ଏବଂ ମେଡିସିନ ଡାକ୍ତର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶୁକ୍ରବାର ଆଉ ଜଣେ ଅସ୍ଥିଶଲ୍ୟ ଡାକ୍ତର କାର୍ଯ୍ୟରେ ଯୋଗଦେବେ। ରୋଗୀଙ୍କୁ ଯଥାସମ୍ଭବ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହ ମେଡିକାଲର ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ନେବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଉଭୟ ବୈଠକରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅଧକ୍ଷତା କରିଥିଲେ। ମେଡିକାଲ ଅଧୀକ୍ଷକ ଡଃ ସିତାଂଶୁ ଶେଖର ଶତପଥୀ, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧକ୍ଷ ନରିସଭା ନାୟକ, ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଏଲ କେ ମହାନ୍ତି, ସଭ୍ୟ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, କେଏସୟୁବି କଲେଜ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ, କ୍ଷତ୍ରିୟବରପୁର ଯୁକ୍ତ ୨ କଲେଜ ଅଧକ୍ଷ ବି ଗୋବିନ୍ଦ ରାଓ, ଜଗନ୍ନାଥ ପ୍ରସାଦ ଯୁକ୍ତ ୨ କଲେଜ ପ୍ରତିନିଧି ଅଧାପକ ଲୋକନାଥ ମହାନ୍ତି, ସିଡିପିଓ ବି.ପି. ସେଠୀ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ମେଡିକାଲ ସହକାରୀ ପରିଚାଳକ ବିଚିତ୍ର ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ।

### ପୋଖରୀରୁ ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୧୯।୫(ଡି.ଏନ.ଏ.)

ଗୋପାଳପୁର ଥାନା ଅଞ୍ଚଳର ଏକ ପୋଖରୀରୁ ପୋଲିସ ଜଣେ ଅଜଣା ଯୁବକଙ୍କ ମୃତଦେହ ଠାବ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏହି ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଏକ ପୋଖରୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତଦେହ ଠାବ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ. ୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ବୟସ ପ୍ରାୟ ୩୫ ହେବ। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସ ଜାଣିବାକୁ ପାଇଛି।

### ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ର

ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଡ. ବୈଦନାଥ ଦାସଙ୍କ ନିର୍ଦ୍ଦେଶନାରେ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଆମ୍ବେଡକର ଏବଂ ଗାନ୍ଧିଜୀ' ଶୀର୍ଷକ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆମ୍ବେଡକର ଓ ଗାନ୍ଧୀଙ୍କ ଭାବନା ମଧରେ ଥିବା ପାର୍ଥକ୍ୟ ଓ ଏହି ଦୁଇ ମହାପୁରୁଷଙ୍କ ଚିନ୍ତାଧାରା ବିଷୟରେ ବୁଝାଇଲେ । ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଯୋଗଦେବା ସହ ରାଜନୀତି ବିଜ୍ଞାନ ଅତିଥି ଅଧାପିକା ମମତା ବାରିକ ଓ ରାଜନୀତି ବିଜ୍ଞାନର ଅଧାପକ ତ୍ରିପତି ମୁର୍ମୁ ଯୋଗ ଦେଇଥିଲେ । ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ଧିରୋଜ ପାଇକ ପେପର ପ୍ରେଜେଣ୍ଟେଶନ କରିଥିଲେ।

# ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଲାଗି ଅଭ୍ୟର୍ଥନା ସମାରୋହ

କୁକୁଡାଖଣ୍ଡି,୧୯।୫




କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ କଲେଜ ।

ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ସକାଶେ ଅଭ୍ୟର୍ଥନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟଅତିଥି ଓ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମ୍ମାନିତ ଅତିଥି ରୁପେ ଯୋଗ ଦେଇଥିଲେ। ଉଭୟେ ଆୟୁର୍ବେଦର ବଢୁଥିବା ଚାହିଦା ଉପରେ ଆଲୋକପାତ କରିବା ସହ ରିସର୍ଚ୍ଚ ମାଧମରେ ଏହି ବିଜ୍ଞାନକୁ ଆହୁରି ଆଗକୁ ନେବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ଡା. ବିପିନ୍ ବିହାରୀ ଖୁଣ୍ଟିଆ ସଭାପତିତ୍ୱ କରି ପିଲାମାନଙ୍କୁ ପାଠ ପଢିବା ସହ ଅନୁଷ୍ଠାନର ନିତି ନିୟମ ବିଷୟରେ ଆଲୋକପାତ କରିଥିଲେ। ଡା.ବିମଳ କୁମାର ପଣ୍ଡା ଅନୁଷ୍ଠାନ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଡା. ସୁଦ୍ଧଳଦେବ ମହାପାତ୍ର ଏବଂ ଡ. ସଂଘମିତ୍ରା ଦାଶଙ୍କୁ ଅନନ୍ତ ବୈଦ୍ୟ, ଡା. ରବି ନାରାୟଣ ଆଚାର୍ଯ୍ୟ, ବ୍ରହ୍ମପୁର ମହାନଗର ନିଗମ କମିଶନର ଡା. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଓ ଡାବର ଇଣ୍ଡିଆ ଲିମିଟେଡକୁ ଅନନ୍ତମିତ୍ର ଏବଂ ଡା. ବିମଳ କୁମାର ପଣ୍ଡାଙ୍କୁ ଅନନ୍ତ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କ ସକାଶେ ଡା. କାମଦେବ ପାଢୀ ମେମୋରିଆଲ୍ ଆୱାର୍ଡ଼ର ଘୋଷଣା ମଧ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ସ୍ୱପ୍ନା ସ୍ୱୟଂପ୍ରଭା ପରିଚାଳନା କରିଥିଲେ। ଡ଼ଃ ଶିବ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ମାର୍ଟ ସ୍କୁଲ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.)

ଗଜପତି ଜିଲାର ଚାରିଟି ବ୍ଲକର ୧୪ଟି ରୂପାନ୍ତରଣ ଉଚ୍ଚ ବିଦ୍ୟାଳୟର ୫୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେତୃତ୍ୱ ବିକାଶ ଓ ଡିଜିଟାଲ କୌଶଳଭିତ୍ତିକ ତାଲିମ ଦିଆଯାଇଛି। ୫ ଦିନିଆ ତାଲିମ ଶିବିର ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଓସେପା ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକ ଶିବିର ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟଗୁଡିକରେ ସ୍ମାର୍ଟ କ୍ଲାସରୁମ, ବିଜ୍ଞାନାଗାର ଓ ଇ-ପାଠାଗାରର ସୁବିନିଯୋଗ ଉପରେ ଗୁରୁତ୍ୱରୋପ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ସାମ୍ବିକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଶିବିର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳାଇ, ପି. ଶିବକୁମାର, ପ୍ରୋଗ୍ରାମ ମ୍ୟାନେଜର ଆୟୋନେସ ରାୟ ଓ ଏଲ. ଦିଲୀପ କୁମାର ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଲିଙ୍ଗରାଜ ପାଢୀ, ୱାଇ ଧର୍ମା ରାଓ, ସନ୍ତୋଷ କୁମାର ଆଚାରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

### ଓଷ୍ଟା ପକ୍ଷରୁ ଦାବିପତ୍ର ପ୍ରଦାନ

ଫୁଲବାଣୀ ଅଫିସ, ୧୯।୫

କନ୍ଧମାଳ ଜିଲା ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ରାଜ୍ୟର ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡିକୁ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ଦରମା ପ୍ରଦାନ ପାଇଁ ନିବେଦନ କରାଯାଇଛି । ସରକାରଙ୍କ ଦ୍ୱାରା ବର୍ତ୍ତମାନ ନିର୍ଦ୍ଧାରଣ କରାଯାଇଥିବା ବେତନ ପଦ୍ଧତି ଆଇନର ଖୋଲାଖୋଲି ଉଲଂଘନ କରୁଛି । ଏହାଦ୍ୱାରା ରାଜ୍ୟର ୫୦ ହଜାର ଶିକ୍ଷକ ଓ କର୍ମଚାରୀ ପ୍ରତାରିତ ହୋଇଛନ୍ତି ବୋଲି ସଂଘ ଅଭିଯୋଗ କରିଛି । ତେଣୁ ସପ୍ତମ ବେତନ କମିଶନଙ୍କ ସୁପାରିଶକୁ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର କର୍ମଚାରୀଙ୍କ ପାଇଁ ଅବିକଳ ଭାବେ ଲାଗୁ କରିବାକୁ ଦାବି କରାଯାଇଛି । ଏଥିସହ ଅନ୍ୟାନ୍ୟ ଦାବି ମଧ ଉଲ୍ଲେଖ ରହିଛି । ଜିଲା ସଭାପତି ପ୍ରଫୁଲ୍ଲ କୁମାର ସାହୁ ଓ ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ପୁଣି ମହିଳାଙ୍କ ହାର ଝାମ୍ପିନେଲେ

**ଯାତ୍ରା ଭିଡ଼ରେ ଲାଗିନି ସିସିଟିଭି**

ଛତ୍ରପୁର,୧୯।୫(ଡି.ଏନ୍.ଏ.)



ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

ଛତ୍ରପୁର ସହରରେ ଲୁଟେରା ମାତିଛନ୍ତି। ଗତ ଗୁରୁବାର ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେଇଥିଲେ। ଏ ଯାଏ ଦୁର୍ବୃତ୍ତଙ୍କୁ ପୋଲିସ ଧରି ପାରି ନ ଥିବା ବେଳେ ପୁଣି ଗୁରୁବାର ଦିନ ଦ୍ୱିପହରରେ ଆଉ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଲୁଟର ଶିକାର ମହିଳା ଜଣଙ୍କ ହେଲେ ଛତ୍ରପୁର ଏନଏସି ରାମକୃଷ୍ଣ ନଗରର ପିଙ୍କି ସାହୁ। ସେ ଗୌରୀ ଶଙ୍କର ମନ୍ଦିରରୁ ଭୋଜି ଖାଇ ନିଜ ୨ ପିଲାଙ୍କ ସହ ଚାଲିକି ଫେରୁଥିବା ବେଳେ ବାରାକ ସାହି ଗଣେଶ ମନ୍ଦିର ନିକଟରେ ବାଇକରେ ଦୁର୍ବୃତ୍ତମାନେ ଆସି ତାଙ୍କ ବେକରୁ ୫ ଭରିର ସୁନା ଅଳଙ୍କାର ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଖବର ପାଇ ଛତ୍ରପୁର ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ଓ ଏସଆଇ ସିଲୁ ଧଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। କେତେକଙ୍କ ଘର ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରିଛି।

ସୂଚନାଯୋଗ୍ୟ, ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା ରାମ୍ଭାୟାଣାମ୍ମାଙ୍କ ଯାତ୍ରା ଗତ ୬ ତାରିଖରୁ ଚାଲିଛି। ମାସେ ଧରି ହେବାକୁ ଥିବା ଏହି ଯାତ୍ରା ଲାଗି ସହରରେ ପ୍ରବଳ ଜନସମାଗମ ହେବ। ତେଣୁ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଇବାକୁ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ହୋଇଥିବା ଯାତ୍ରା ପ୍ରସ୍ତୁତି ବୈଠକରେ ନିଷ୍ପତି ହେଇଥିଲା। ହେଲେ ଏ ଯାଏ ସିସିଟିଭି ଲାଗିନି। ଯାତ୍ରା ପରିପ୍ରେକ୍ଷୀରେ ପୋଲିସ ସୁରକ୍ଷା ବ୍ୟବସ୍ଥା କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି ।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ଆର.ଉଦୟଗିରି,୧୯।୫(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ଅନ୍ତର୍ଗତ କଇଠଢେପ ଗାଁ ନିକଟରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ ମାଛଘରା ଗାଁର କାବୁଲା ବଳିଆରସିଂ। ପୋଲିସ ନଂ. ୬୭/୨୨ରେ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଥିବା ବେଳେ ମୃତ ଯୁବକଙ୍କ ସାନ ଭାଇ ଓ ଜଣେ ସହଯୋଗୀଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଅପରପକ୍ଷେ ଯୁବକ ଜଣଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୧୭ ତାରିଖରେ ମୃତ କାବୁଲା ଓ ତାଙ୍କ ସାନଭାଇ କାନକଟା ଗାଁର ଏକ ଭୋଜିରେ ଯୋଗଦେବା ପରେ ସେଠାରୁ କଇଠଢେପ ଗାଁକୁ ମଦ ପିଇବାକୁ ଯାଇଥିଲେ। ବୁଧବାର କାବୁଲାଙ୍କ ମୃତଦେହ କଇଠଢେପ ଗାଁ ନିକଟସ୍ଥ ଜଙ୍ଗଲ ରାସ୍ତା ପାର୍ଶ୍ୱରେ ପଡ଼ିଥିବାର ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତ କାବୁଲାଙ୍କ ବଡ଼ ଭାଇ କଇଠଢେପ ଗାଁର କିଛି ଲୋକେ ମିଶି ହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ସାନ ଭାଇ ସମେତ ସାଙ୍ଗଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ମୃତଦେହର ବିଭିନ୍ନ ସ୍ଥାନରେ ପୋଡ଼ା କ୍ଷତ ଚିହ୍ନ ଥିବା ବେଳେ କେଉଁ କାରଣରୁ ହତ୍ୟା କରାଯାଇଛି ତଦନ୍ତ ପରେ ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଜି.ଉଦୟଗିରି ପ୍ରେସ୍ କ୍ଲବର ସ୍ୱତନ୍ତ୍ର ବୈଠକ



ବୈଠକରେ ଉପସ୍ଥିତ ପ୍ରେସ କ୍ଲବ କର୍ମକର୍ତ୍ତା ।

ଜି.ଉଦୟଗିରି,୧୯।୫(ଡି.ଏନ.ଏ.)

ଜି.ଉଦୟଗିରି ପ୍ରେସ କ୍ଲବର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକଙ୍କ ଆବାହକତ୍ୱରେ ଓ ପ୍ରେସ କ୍ଲବ ସଭାପତି ସମୀର କୁମାର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାମ୍ବାଦିକ ବିଦ୍ୟାଧର ପାଳ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ବଟକୃଷ୍ଣ ଦାଶ କ୍ଲବ ସମ୍ପର୍କରେ କହିବା ପରେ ସାମ୍ବାଦିକ ଦେବନାଥ ଦଳବେହେରା, ପତିତପାବନ ସାହୁ, ପ୍ରସନ୍ନ ମିଶ୍ର, ରାମକୃଷ୍ଣ ଚୌଧୁରୀ, ଆଶୁତୋଷ ସାହୁ, ଅରୁଣ କୁମାର ଷଡଙ୍ଗୀ, ଏନ୍. ରାଜା ରାଓ, ସାମନ୍ତ ନାୟକ, ଚିନ୍ମୟ ସେଠି, ଅନୀଲ ଦଳବେହେରା, ସୁଜିତ ସାହୁ, ଚନ୍ଦ୍ର ଶେଖର ପାଢ଼ୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ଦେଇ ଅତିଶୀଘ୍ର କ୍ଲବ ପାଇଁ ଜାଗା ଓ ଗୃହ ନିର୍ମାଣ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସଭାପତି କହିଥିଲେ। କ୍ଲବକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସଙ୍ଗଠନ ସମ୍ପାଦକ ଓ ସଙ୍ଗଠନ ସହ ସମ୍ପାଦକ ଦୁଇଟି ପଦବୀ ସୃଷ୍ଟି କରାଯାଇଥିଲା। ପ୍ରସନ୍ନ କୁମାର ମିଶ୍ରଙ୍କୁ ସଙ୍ଗଠନ ସମ୍ପାଦକ ଓ ଆଶୁତୋଷ ସାହୁଙ୍କୁ ସହ ସମ୍ପାଦକ ମନୋନୀତ କରାଯାଇଥିଲା।

# ତୁମୁଡ଼ିବନ୍ଧ ପଞ୍ଚାୟତ ସମିତି ବୈଠକ

ତୁମୁଡିବନ୍ଧ,୧୯।୫(ଡି.ଏନ.ଏ.)




ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ତୁମୁଡିବନ୍ଧ ବ୍ଲକ ସଭା ଗୃହରେ ବୁଧବାର ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ବାସନ୍ତୀ ମାଝି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ସାହୁ, ଉପାଧକ୍ଷ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ବ୍ଲକର ଅଧକାଂଶ ଗ୍ରାମରେ ପାନୀୟ ଜଳ ଯୋଗାଣ ସମସ୍ୟା ଥିବା ନେଇ ଅସନ୍ତୋଷ ଦେଖାଦେଇଥିଲା। ଶିଶୁମାନଙ୍କ ପାଇଁ ଦିଆଯାଉଥିବା ମଧ୍ୟାହ୍ନଭୋଜନ ଚାଉଳ ପ୍ଲାଷ୍ଟିକ ବୋଲି ଝିରିପାଣି ସମିତିସଭ୍ୟ ଅଭିଯୋଗ କରିଥିଲେ। ସେହିପରି ଶିଶୁଙ୍କୁ ଦିଆଯାଇଥିବା ପୋଷାକର ମାନ ନିମ୍ନମାନର ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏମ୍‌ପି ପ୍ରତିନିଧି। ଲଙ୍କାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରହୁ ନ ଥିବା ଏବଂ ଔଷଧ ମିଳୁନାହିଁ ବୋଲି ଲଙ୍କାଗଡ଼ ସମିତି ସଭ୍ୟ କହିଥିଲେ। ସେହିପରି ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକରେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ରହୁ ନ ଥିବା ଅଭିଯୋଗ ହୋଇଥିଲା। ବନ ବିଭାଗ ଉପରେ ଆଲୋଚନା କରି ତୁମୁଡିବନ୍ଧ, ମାଲିପଡ଼ା, ଗୁମାର୍‌ପଦର ସଂରକ୍ଷିତ ଜଙ୍ଗଲକୁ କେତେକ ଖଳ ଲୋକ ଜଙ୍ଗଲ କାଟି ଜାଗା ଅକ୍ତିଆର କରୁଥିବା ଅଭିଯୋଗ କରିଥିଲେ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର। ଜଙ୍ଗଲ ସୁରକ୍ଷା ପାଇଁ ଜନ ପ୍ରତିନିଧିମାନଙ୍କୁ ସାମିଲ କରି ଜନ ସଚେତନତା କରିବା ପାଇଁ ଦାବି ହୋଇଥିଲା। କୁଟିଆ କନ୍ଧ ଉନ୍ନୟନ ଉପରେ ଆଲୋଚନା କରି ଝିରିପାଣି ସମିତିସଭ୍ୟ ଡଗର ପାତ୍ର କହିଥିଲେ ଆମେ ଆଦିବାସୀ, ଆମେ ସରଳ, ଆମ ମୁଣ୍ଡରେ ଚାଷ କରିବା ଛାଡ଼ନ୍ତୁ। ଆମେ ଆଉ ସେ ସୁଯୋଗ ଦେବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଆଦିମ ଜନଜାତି ଉନ୍ନତି ପାଇଁ କୋଟି କୋଟି ଟଙ୍କା ଆସୁଛି ତାହା ଠିକ ଭାବେ ବିନିଯୋଗ ନ ହୋଇ କାଗଜ କଲମରେ ସୀମିତ ରହୁଛି ବୋଲି ସମସ୍ତ ଜନ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଅନ୍ୟାନ୍ୟ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବିଡିଓ ଲଳିତ ସୋରଙ୍ଗ, ତହସିଲଦାର ଏମ. ଅନୁରାଧା, ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅଭିଷେକ ନାୟକ ଏବଂ କେ.କେ.ଡି.ଏ ସ୍ୱତନ୍ତ୍ର ଅଧିକାରୀ ବେଣୁଧର ନାୟକଙ୍କ ସମେତ ସମସ୍ତ ସମିତି ସଭ୍ୟା/ସଭ୍ୟ, ସରପଞ୍ଚ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

